

# କେଗାଁ ମୁଖ୍ୟରାସ୍ତାରେ ବିଦେଶୀମଦ ଦୋକାନକୁ ବିରୋଧ

- ପୂର୍ବରୁ ହେଉଥିଲା ମଦର ବନ୍ୟା
- ପୁରୁଣା କଥାକୁ ଭାବି ଗାଁ ଲୋକେ ଭୟଭୀତ
- ସ୍ଥାନାନ୍ତର ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ଅଞ୍ଚଳରେ ଏକ ନୂତନ ବିଦେଶୀ ମଦ ଦୋକାନ ଖୋଲିବାକୁ ଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଦ ଦୋକାନଟି ମୁଖ୍ୟ ରାସ୍ତା କଡ଼ରେ ଖୋଲିବାକୁ ଯାଉଥିବାରୁ ଏହାକୁ ବିରୋଧ କରି ଗ୍ରାମବାସୀମାନେ ଧର୍ମଗଡ଼ ଉପ-ଜିଲ୍ଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କେଗାଁ ମୁଖ୍ୟ ରାସ୍ତା ପୋଲିସ ଫାଣ୍ଡି ନିକଟରୁ ବସ୍ତି ପର୍ଯ୍ୟନ୍ତ ଅଞ୍ଚଳରେ ଏହି ମଦ ଦୋକାନ ଖୋଲିବାକୁ ପ୍ରସ୍ତୁତି ଚାଲିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଓ କଲେଜ ପଢୁଆ ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ ଏବଂ ବିଭିନ୍ନ ଅଫିସକୁ କାମ ପାଇଁ ଯାଉଥିବା ସାଧାରଣ ଲୋକେ ଯିବା ଆସିବା କରିଥାନ୍ତି। ପୂର୍ବ ମଦ ଦୋକାନ ଥିବା ସମୟରେ ମଦର ବନ୍ୟା ହେଉଥିବା ଦେଖିବାକୁ ମିଳୁଥିଲା ।ଯାହା ଫଳରେ ମଦୁଆ ମାନେ ଦୋକାନ ଆଗରେ ଭିଡ଼ ଜମାଇ ବିଭିନ୍ନ ମହିଳା ମାନଂକୁ ଦେଖି ଅଶ୍ଳୀଳ ଭାଷା ଓ ଟାହି ଟାପରା ପ୍ରୟୋଗ କରିବାରେ ଲାଗିଥାନ୍ତି। ଯାହା ଫଳରେ ଏହି ରାସ୍ତା ଦେଇ ମହିଳା ମାନେ ଯାତାୟାତ କରିବାରେ ଅସୁରକ୍ଷିତ ମନେ କରୁଥିଲେ । ପୁଣି ଏବେ ଏହି ମୁଖ୍ୟ ରାସ୍ତା ରେ ନୂତନ ମଦ ଦୋକାନ ଖୋଲାଯିବା ର ଖବର ଶୁଣିଲା ପରେ ଲୋକଙ୍କ ମଧ୍ୟରେ ପୁରୁଣା କଥା କୁ ମନେ ପକାଇ ଛନକା ପଶିବାରେ ଲାଗିଛି । ଏବେ ଏହି ରାସ୍ତାରେ ଦୋକାନ ଖୋଲିବା ଫଳରେ ସେଠାରେ ପୁଣି ମଦ୍ୟପଙ୍କ ଭିଡ଼ ଜମିବ ଏବଂ ଏହା ଛାତ୍ରଛାତ୍ରୀ ଓ ମହିଳାମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିବ ବୋଲି ଗ୍ରାମବାସୀ ଆଶଙ୍କା କରିବା ସହ ଅସୁରକ୍ଷିତ ପ୍ରକାଶ କରିଛନ୍ତି। ମଦୁଆ ମାନେ ଏହି ଦୋକାନ ରେ ମଦ ପିଇ ମାତାଲ ହୋଇ ରାସ୍ତାରେ ମଦ ବୋତଲ ଫୋପାଡ଼ିବା ଦ୍ୱାରା ଏହା ସାଧାରଣ ଜନଜୀବନ ଓ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଦେଖା ଯାଏ । ସୂଚନା ଥାଉ କି ସରକାରୀ ନିୟମ ଅନୁଯାୟୀ ଜନ ଗହଳି ଯାତାୟାତ ରାଜପଥ କିମ୍ବା ମୁଖ୍ୟ ରାସ୍ତାଠାରୁ ମଦ ଦୋକାନ ନିର୍ଦ୍ଦିଷ୍ଟ ଦୂରତାରେ (୧୦୦ ମିଟର) ରହିବା କଥା। ମାତ୍ର ଏଠାରେ ନିୟମକୁ ଉଲ୍ଲଂଘନ କରାଯାଇ ପୁନର୍ବାର ନୂତନ ଭାବେ ମୁଖ୍ୟ ରାସ୍ତା କଡ଼ରେ ହିଁ ଦୋକାନ ଖୋଲିବାକୁ ଯୋଜନା ହେଉଥିବା ଜଣା ପଡିଛି । ଏଣୁ ସମସ୍ତ ଦୃଷ୍ଟି କୁ ଆଖି ଆଗରେ ରଖି ଏହି ଦୋକାନକୁ ତୁରନ୍ତ ସ୍ଥାନାନ୍ତର କରି ଗ୍ରାମ ବାହାରେ ସ୍ଥାପନ କରିବା ପାଇଁ ଅଞ୍ଚଳବାସୀ ଏବଂ ଶତାଧିକ ମହିଳା ମାନଙ୍କ ମଧ୍ଯରୁ ବିଭିନ୍ନ ଏସଏଚଜି ପକ୍ଷରୁ ପ୍ରଶାସନ କୁ ଅଭିଯୋଗ ହେଉଛି ଯେ,ଏହି ହେଉଥିବା ମଦ ଦୋକାନ କୁ ଗାଁ ମଝିରେ ତଥା ମୁଖ୍ୟ ରାସ୍ତା ରେ ନ କରାଇ ବା ପାଇଁ ଦୃଢ଼ ଦାବି କରାଯାଇଛି। ପ୍ରଶାସନ ଏହି ଗମ୍ଭୀର ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ସହ ଶତାଧିକ ମହିଳା,ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଧରୁଣୀ ପୁଟେଲ, କୌଶଲ୍ୟା ପୁଟେଲ, ହେମଲତା ପୁଟେଲ, ହେମାଙ୍ଗିନୀ ପୁଟେଲ,ନବୀନା ପୁଟେଲ, ସସ୍ମିତା ପୁଟେଲ,ରଂଜିତା ପୁଟେଲ, ଜମ୍ବୁବତୀ ପୁଟେଲ, ନୂଆଦେଇ ପୁଟେଲ, ନମିତା ପୁଟେଲ, କୌଶଲ୍ୟା ପୁଟେଲ,ମୁକୁନ୍ତା ପୁଟେଲ, ସନ୍ତରା ପୁଟେଲ, ସରପଞ୍ଚ ଅମୃତା ବଛା, ସମିତି ମେମ୍ବର ଲକ୍ଷ୍ମଣ, ପଙ୍କଜ ପୁଟେଲ, ରଜତ ପୁଟେଲ, ନବ ପୁଟେଲ, ଈଶ୍ୱର ପୁଟେଲ, ବିଶି କେସନ ଜ୍ୟୋତିଷ, ସମାଜ ସେବୀ ବୁଲୁ ଅଗ୍ରୱାଲ ପ୍ରମୁଖ ଗାଁ ର ମୁଖ୍ୟ ରାସ୍ତା ରେ ହେଉଥିବା ମଦ ଦୋକାନ କୁ ବିରୋଧ କରି ଗାଁ ମୁଖ୍ୟ ରାସ୍ତା ଠାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କରିବାକୁ ନେଇ ଧର୍ମଗଡ



ଉପଜିଲ୍ଲାପାଳ,ଅବକାରି ସୁପରିଣ୍ଟେଣ୍ଡେଣ୍ଟ,ତହସିଲଦାର ଗୋଲାମୁଣ୍ଡା ଙ୍କୁ ଉପ ରୋକ୍ତ ବିଷୟ ର ଲେଖାକୁ ନେଇ ଲିଖିତ ପତ୍ର ପ୍ରଦାନ କରିଛନ୍ତି ।ପ୍ରକାଶ ଥାଉକି ଯଦି ଦାବିପତ୍ରର ସମାଧାନ ନ ହୁଏ ଆଗାମୀ ଦିନରେ ଗ୍ରାମବାସୀ ଙ୍କ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ରାଜ ରାସ୍ତା କୁ ଓଲ୍ଲାହି ଧାରଣା ଦେବାକୁ ଚେତାବନୀ ଦିଆ ଯାଇଛି ।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ



**ବଣାଇଁ(ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ସାରା ଓଡ଼ିଶାରେ "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଭର୍ଚୁଆଲ୍ ମାଧ୍ୟମରେ ଏହି ଲୋକକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବିକାଶ ଭବନ ସଭାଗୃହରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଡ ବିତରଣ କରିଥିଲେ। ସେ ତାଙ୍କ ବକ୍ତବ୍ୟ ରେ ରାଜ୍ୟ ସରକାରଙ୍କ ଜନହିତକର ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିବା ସହ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଥିଲେ। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟ ସରକାରଙ୍କ ଏକ ଐତିହାସିକ ଓ ଜନମଙ୍ଗଳକାରୀ ପଦକ୍ଷେପ। ଏହା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS)ର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ମୁଣ୍ଡପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ଏପ୍ରିଲ, ମେ ଓ ଜୁନ ମାସର ଚାଉଳ ଏକକାଳୀନ ଭାବେ ହିତାଧିକାରୀମାନଙ୍କୁ ବଣ୍ଟନ କରାଯିବ। ଏହି ଯୋଜନା ଦ୍ୱାରା ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସହ ଗରିବ, ଦୁର୍ବଳ ଓ ଅସହାୟ ପରିବାରମାନଙ୍କ ଜୀବନଯାପନରେ ସହାୟତା ମିଳିବ। ଏହା ରାଜ୍ୟ ସରକାରଙ୍କ ସମାବେଶୀ ବିକାଶ ଓ ସାମାଜିକ ସୁରକ୍ଷା ପ୍ରତିବଦ୍ଧତାର ଏକ ଉଲ୍ଲେଖନୀୟ ନିଦର୍ଶନ। ସୁନ୍ଦରଗଡ଼ ଜିଲ୍ଲାରେ ବର୍ତ୍ତମାନ NFSA ଓ SFSS ଅନ୍ତର୍ଗତ ମୋଟ ୪,୪୪,୨୧୯ କାର୍ଡଧାରୀଙ୍କ ୧୪,୫୬,୨୨୪ ଜଣ ହିତାଧିକାରୀ ଏହି ଯୋଜନାରୁ ଉପକୃତ ହେବେ।

### ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା

# ଗର୍ଭବତୀଙ୍କ ପାଇଁ ଖଟିଆ ସାଜିଛି ଆମ୍ବୁଲାନ୍ସ



**କଳାହାଣ୍ଡି (ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଆମପାଣି ପଞ୍ଚାୟତ ଲେକାଆମ ଗାଁରେ ପୁଣିଥରେ ବିକାଶର ଅସଲ ଚିତ୍ର ସାମ୍ନାକୁ ଆସିଛି। ସରକାରୀ କାଗଜପତ୍ରରେ ହୁଏତ ରାସ୍ତା, ସ୍ୱାସ୍ଥ୍ୟ ଓ ମୌଳିକ ସୁବିଧାର ଲମ୍ବା ତାଲିକା ଥାଇପାରେ, କିନ୍ତୁ ବାସ୍ତବରେ ଜଣେ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ପହଞ୍ଚାଇବା ପାଇଁ ଆଜି ବି ଖଟିଆ ହିଁ ଭରସା। ଲେକାଆମ ଗାଁର ଦୂର ସାନ୍ତା (୩୫) ପ୍ରସବ ବେଦନାରେ ଛଟପଟ ହେଉଥିବା ବେଳେ ତାଙ୍କ ସ୍ୱାମୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ନବରଙ୍ଗପୁର ଜିଲ୍ଲାର ମୈଦଲପୁର ସିଏଚସିରୁ ଆମ୍ବୁଲାନ୍ସ ତୁରନ୍ତ ବାହାରିଥିଲା। କିନ୍ତୁ ଗାଁକୁ ଯିବା ପାଇଁ ରାସ୍ତା ନଥିବାରୁ ଗାଡ଼ି ୨ କିଲୋମିଟର ଦୂରରେ ଅଟକି ଯାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଯଦି ଆମ୍ବୁଲାନ୍ସ ରୋଗୀ ପାଖକୁ ପହଞ୍ଚି ପାରୁନାହିଁ, ତେବେ ସେହି ଗାଁର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସେବା କେଉଁଠି । ଏହି ସମୟରେ ଆମ୍ବୁଲାନ୍ସ ଚାଳକ ଡମ୍ବରୁ ହରିଜନ ଦେବଦୂତ ସାଜିଥିଲେ। ସେହି ଗାଁକୁଁ ଚାଲି ଚାଲି ଯାଇ ପରିବାର ଲୋକଙ୍କ ସହଯୋଗରେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ୨ କିଲୋମିଟର ଆଣି ଆମ୍ବୁଲାନ୍ସରେ ବସାଇଥିଲେ। ପରେ ତାଙ୍କୁ ମୈଦଲପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୌଭାଗ୍ୟବଶତଃ ମହିଳା ଜଣକ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ ଏବଂ ମା' ଓ ଶିଶୁ ଉଭୟ ସୁସ୍ଥ ଥିବା ଜଣା ପଡିଛି । ଘଟଣାର ଖୁସିର ଦିଗ ହେଉଛି ମା' ଓ ଶିଶୁ ସୁସ୍ଥ ଅଛନ୍ତି, କିନ୍ତୁ ଦୁଃଖର ବିଷୟ ହେଉଛି ଏଭଳି ଘଟଣା ଆଉ ଖବର ନୁହେଁ, ଏକ ନିତିଦିନିଆ ଚିତ୍ର ହୋଇଗଲାଣି। ଡିଜିଟାଲ ଇଣ୍ଡିଆ, ସ୍ମାର୍ଟ ଗାଁ ଓ ବିକାଶର ବଡ଼ ବଡ଼ ଭାଷଣ ମଧ୍ୟରେ ଲୋକମାନେ ଆଜି ବି ରୋଗୀଙ୍କୁ ଖଟିଆରେ ବୋହି ହସ୍ପିଟାଲ ନେଉଛନ୍ତି। ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କଣ ହୋଇପାରେ ? କୁଟରୁ, ଲେକାଆମ, ବାଘଝରଣ, ସର୍ଗିପାନୀ, ଆନ୍ଧିଝରଣ ଓ ଗୋଇଚଞ୍ଚରା ଭଳି ଅନେକ ଦୁର୍ଗମ ଗାଁର ଆଦିବାସୀ ଲୋକମାନେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ। ରାସ୍ତା ନାହିଁ ସ୍ୱାସ୍ଥ୍ୟ ସେବା ଅପହଂଚ, ପାନୀୟ ଜଳ ଓ ଶିକ୍ଷା ବ୍ୟବସ୍ଥା ଅସନ୍ତୋଷଜନକ।ସ୍ୱାଧୀନତାର ଦଶନ୍ଧି ପରେ ମଧ ଏହି ଗାଁ ଗୁଡ଼ିକ ବିକାଶର ମାନଚିତ୍ରରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସବୁଠାରୁ ବଡ଼ ବିଡମ୍ବନା ହେଉଛି, କଳାହାଣ୍ଡି ପ୍ରଶାସନର ଅଧୀନରେ ଥିବା ଏହି ଗାଁଗୁଡ଼ିକର ଲୋକମାନେ ନିଜ ଜିଲ୍ଲାର ହସ୍ପିଟାଲ ଅପେକ୍ଷା ପଡ଼ୋଶୀ ନବରଙ୍ଗପୁର ଜିଲ୍ଲାର ମୈଦଲପୁର ସିଏଚସି ଉପରେ ଅଧିକ ନିର୍ଭର କରୁଛନ୍ତି। କାରଣ ସେଠାକୁ ଦୂରତା କମ୍ ଓ ଯୋଗାଯୋଗ ସୁବିଧା ଅଧିକ। ତେବେ ପ୍ରଶ୍ନ ହେଉଛି, ନିଜ ଜିଲ୍ଲାର ଲୋକଙ୍କ ପାଖକୁ ମୌଳିକ ସେବା ପହଞ୍ଚାଇବାରେ ପ୍ରଶାସନ କାହିଁକି ବିଫଳ ? ଆମ୍ବୁଲାନ୍ସ କର୍ମଚାରୀଙ୍କ ମାନବିକତା ପ୍ରଶଂସନୀୟ ।କିନ୍ତୁ ପ୍ରତିଥର ଜଣେ କର୍ମଚାରୀଙ୍କ ମାନବିକତା ଉପରେ ବ୍ୟବସ୍ଥା ବିଫଳତାକୁ ଲୁଚାଇ ହେବ ନାହିଁ। ରାସ୍ତା ନଥିବା, ସ୍ୱାସ୍ଥ୍ୟ ସେବା ନପହଞ୍ଚିବା ଓ ଲୋକଙ୍କୁ ଖଟିଆରେ ବୋହିବା ଘଟଣା ସରକାରୀ ବ୍ୟବସ୍ଥା ର ନଗ୍ନ ସତ୍ୟକୁ ସାମ୍ନାକୁ ଆଣୁଛି।ଏବେ ସମୟ ଆସିଛି କେବଳ ପ୍ରତିଶ୍ରୁତି ନୁହେଁ, କାର୍ଯ୍ୟକାରୀ ପଦକ୍ଷେପ ନେବାର । ନଚେତ ଆଗାମୀ ଦିନରେ ମଧ୍ୟ ଖଟିଆ ହିଁ ଆମ୍ବୁଲାନ୍ସର ବିକଳ୍ପ ହୋଇ ରହିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

# ଜୟପାଟଣା ତହସିଲରେ ଘରଡିହ ପଟ୍ଟା ବଣ୍ଟନରେ ମହାଘୋଟାଲା

- ଗୋଟିଏ ପରିବାରକୁ ୨୪ ଡିସିମିଲ ଜମି
- ସରକାରଙ୍କୁ ଲକ୍ଷାଧିକ ଟଙ୍କାର କ୍ଷତି ଅଭିଯୋଗ

**କଳାହାଣ୍ଡି(ଅମୃତ ମିଡିଆ) :** ଜୟପାଟଣା ତହସିଲ ଅନ୍ତର୍ଗତ ବଡକର୍ଲାକୋଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ୪ ଡିସିମିଲ ଘରଡିହ ପଟ୍ଟା ବଂଟନରେ ଏକ ବଡ଼ ଧରଣର ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ଯୋଗ ଉଠିଛି । ସରକାରୀ ନିୟମ ଅନୁଯାୟୀ ଘର ଡିହ ହୀନ ପରିବାରଙ୍କୁ ଏହି ସୁବିଧା ମିଳିବା କଥା ଥିବାବେଳେ, ଏକ ନିର୍ଦ୍ଦିଷ୍ଟ ପରିବାର ଜାଲିଆତି ଏବଂ ଭୁଲ ତଥ୍ୟ ଦେଇ ପ୍ରାୟ ୨୪ ଡିସିମିଲ ଘରଡିହ ପଟ୍ଟା ହାତେଇ ଥିବା ଅଭି ଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ବଡକର୍ଲାକୋଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ବେସରକାରୀ ଭାବେ କାର୍ଯ୍ୟ କରୁଥିବା ଗବର ହରିଜନଙ୍କ ପରିବାର ସଦସ୍ୟମାନଙ୍କ ନାମରେ ଏକାଧିକ ୪ ଡିସିମିଲ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି । ଏପରିକି କାର୍ଯ୍ୟାଳୟର ସରକାରୀ କାଗଜପତ୍ର ମଧ୍ଯ ସେ ନିଜ ବାସଭବନ କୁ ନେଇଯାଉଥିବା ଅଭି ଯୋଗ ହୋଇଛି । ଖତିୟାନ ନଂ ୩୪୦/୪୫ ପୁର ହରିଜନ (୪ ଡିସିମିଲ) । ଖତିୟାନ ନଂ ୩୪୦/୮୪ ସୁବର୍ଣ୍ଣ ହରିଜନ, ସ୍ୱାମୀ ଗବର ହରିଜନ (୪ ଡିସିମିଲ) । ଖତିୟାନ ନଂ ୩୪୦/୪୪ ସୁବର୍ଣ୍ଣ ହରିଜନ (୪ ଡିସିମିଲ) । ଖତିୟାନ ୩୪୦/୫୬ ସୁବର୍ଣ୍ଣ ହରିଜନଙ୍କ ନାମରେ ପୂର୍ବରୁ ୨୦ ଡିସିମିଲ ଜମି ଥିବା ସତ୍ତ୍ୱେ ପୁଣି ପଟ୍ଟା ପ୍ରଦାନ । ଖତିୟାନ ୩୪୦/୫୧ ସୁବ ହରିଜନ, ସ୍ୱାମୀ ସୁରେଶ ହରିଜନ (୪ ଡିସିମିଲ) । ଅଭିଯୋଗ ଅନୁଯାୟୀ ସୁବ ହରିଜନ ଓ ସୁବର୍ଣ୍ଣ ହରିଜନ ଜଣେ ହିଁ ବ୍ୟକ୍ତି । ଖତିୟାନ ନଂ ୩୪୦/୮୩ – ରଜନୀ ସୁନା, ସ୍ୱାମୀ ସୁରେଶ ହରିଜନ (୪ଡ଼ିସିମିଲ ) । ଖତିୟାନ ନଂ ୩୪୦/୫୦ - ଶୂଳୟା ହରିଜନ, ସ୍ୱାମୀ କ୍ଷେତ୍ର ହରିଜନ (୪ଡିସିମିଲ) । ଅଭିଯୋଗ ରହିଛି ଯେ ଉଭୟଙ୍କ ବିବାହ ହୋଇନଥିଲେ ମଧ ସ୍ୱାମୀ– ସ୍ତ୍ରୀ ପରିଚୟ ଦେଇ ପଟ୍ଟା ନିଆଯାଇଛି । ଅଭିଯୋଗକାରୀଙ୍କ କହିବା ଅନୁସାରେ, ଏହି ସମସ୍ତ ଘଟଣା ମାଧ୍ୟମରେ ଗୋଟିଏ ପରିବାର ପ୍ରାୟ ୨୪ ଡିସିମିଲ ଘରଡିହ ପଟ୍ଟା ହାତେଇ ସରକାରୀ ଯୋଜନାର ଦୁରୁପଯୋଗ କରିଛନ୍ତି ।ସ୍ଥାନୀୟ ଲୋକଙ୍କ ଦାବି ହେଉଛି ଯେ,ଏଭଳି ଅନିୟମିତତା କେବଳ କିଛି ବ୍ୟକ୍ତିଙ୍କ ଦ୍ୱାରା ସମ୍ଭବ ନୁହେଁ, ବରଂ ଏଥିରେ କିଛି ରାଜସ୍ୱ କର୍ମଚାରୀ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା ଥାଇପାରେ । ସେମାନେ ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ବେଆଇନ ଭାବେ ପ୍ରଦାନ କରାଯାଇଥିବା ପଟ୍ଟା ବାତିଲ କରିବାକୁ ଦାବି କରିଛନ୍ତି । ଟିପ୍ପଣୀ: ଉପ ପରୋକ୍ତ ତଥ୍ୟଗୁଡ଼ିକ ସ୍ଥାନୀୟ ଅଭିଯୋଗ ଓ ଉପସ୍ଥାପିତ ବିବରଣୀ ଉପରେ ଆଧାରିତ । ସମ୍ପୃକ୍ତ ପ୍ରଶାସନ ଏବଂ ଅଧିକାରୀମାନଙ୍କ ପକ୍ଷରୁ ନିରପେକ୍ଷ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ।

## ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର




**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ରେ ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବଙ୍ଗୋମୁଣ୍ଡା ମାରୱାଡି ଯୁବାମଞ୍ଚର ସଭାପତି ମନୁଆ ଅଗ୍ରୱାଲ ଙ୍କ ନେତୃତ୍ୱରେ ମାରୱାଡି ଯୁବାମଞ୍ଚର ରାଜ୍ୟ ସଭାପତି ଅଜୟ ଶର୍ମା ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାତା ମାନେ ରକ୍ତଦାନ କରିଥିବାରୁ କଣ୍ଟାବାଞ୍ଜି ବିଧାୟକ ତାଙ୍କର ପ୍ରଶଂସା କରିବା ସହ ଏହି ରକ୍ତଦାନ କରିଥିବା ମହିଳାମାନେ ଅନ୍ୟ ମାନଙ୍କ ପାଇଁ ଗୋଟିଏ ଉଧାହରଣ ବୋଲି ନିଜର ବକ୍ତବ୍ୟ ପ୍ରକାଶ କରିଥିଲେ। ପ୍ରଚଣ୍ଡ ଖରାରେ ରକ୍ତର ଅଭାବ ଦେଖିବାକୁ ମିଳେ ରକ୍ତଭଣ୍ଡାର ରେ ସେହି ସମୟରେ ଏହି ରକ୍ତଦାନ ପ୍ରାୟ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ଏହି ଶିବିର ରେ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । କଣ୍ଟାବାଞ୍ଜି ରକ୍ତଭଣ୍ଡାର କର୍ମଚାରୀ ଶିବକୁମାର ସାହୁ, ଗଜପତି ବେହେରା, ଗୁରୁବାରୁ ରଣା,ପ୍ରଶାନ୍ତ ସାହୁ,ପ୍ରଦୀପ ମହାପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ମହାମନ୍ତ୍ରୀ ଚେତନ ଟିପଦେବାଲ , ମାରୱାଡି ଯୁବା ମଞ୍ଚ ର ସମ୍ପାଦକ ଆନନ୍ଦ ଅଗ୍ରୱାଲ, କୋଷାଧ୍ୟକ୍ଷ ସଙ୍ଗମ ଜୈନ, ସଂଯୋଜକ ଅମନ ଜୈନ (କାହ୍ନା),ସୁମିତ ଜୈନ, ବିନୀତ ଅଗ୍ରୱାଲ, ଗୌତମ ଜୈନ, ଶୁଭମ ଅଗ୍ରୱାଲ ପ୍ରମୁଖ ଙ୍କ ସହ ବହୁ ସଦସ୍ୟ ମାନେ ସହଯୋଗ କରିଥିଲେ ।

## କାଳ ବୈଶାଖୀରେ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ବଣ୍ଟନ



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଗତ କାଲି ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ଫଳରେ କ୍ଷତିଗସ୍ତ ପରିବାରକୁ ରେଭେନ୍ୟୁ ବିଭାଗ ତରଫରୁ ରାଇଘର ସଦର ମହକୁମା ସାହି ତଥା ବ୍ଲକ ର ବିଭିନ୍ନ ପଂଚାୟତରେ ରେଭିନ୍ୟୁ ଇନ୍ସପେକ୍ଟର ଓ ଷ୍ଟାଫ୍ ଘର ଘର ବୁଲି ପରିସ୍ଥିତି ଅନୁଧ୍ୟାନ କରିବା ସହ ଘର ର ଟିଣ ଛପର ଉଡାଇ ଦେଇଥିବା କ୍ଷତିଗସ୍ତ ପରିବାରୁ ପଲିଥିନ ବଣ୍ଟନ କରିଥିଲେ।

## ଭତ୍ତା ମିଳିନଥିବାରୁ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀ

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭତ୍ତା ମିଳିନଥିବାରୁ ହିତାଧିକାରୀ ଙ୍କ ଧାରଣା ଦେଖିବାକୁ ମିଳିଛି। ଗତ ତିନି ମାସ ଧରି ଭତ୍ତା ମିଳିନଥିବାରୁ ହିତାଧିକାରୀ ପ୍ରଥମେ ପଂଚାୟତ ଅଫିସ ଯାଇ ରାଇଘର ସରପଞ୍ଚ ଲମ୍ବୋଦର ମାଝୀ ଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣିବା ପରେ ସରପଞ୍ଚ ସେମାନଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ପହଂଚି ଧାରଣ ଦେଇ ପ୍ରତିବାଦ କରିଥଲେ। ବୁଢ଼ା ବୁଢ଼ି ମାନେ ଗତ ତିନି ମାସ ଧରି ଭତ୍ତା ପାଇନଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ଥିଲେ। ରାଇଘର ବ୍ଲକରେ ଗତ ତିନି ମାସ ରେ ୮୩୭୬ ହିତାଧିକାରୀ ଭତ୍ତା ପାଇପାରିନାହାନ୍ତି। ସେଥି ମଧ୍ଯରେ ୬୧୦୪ ଜଣ ବର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା ୨୦୯୯ ଓ ବିଧବା ଭତ୍ତା ୧୬୩ ଜଣ ପାଇନାହାନ୍ତି। ଗୋଷ୍ଠି ଉନ୍ନୟନ ଅଧିକାରୀ ରିତୁ ସିଂ, ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନ ଚାନ୍ଦ ମାଟିଆ ହିତାଧିକାରୀଙ୍କ ସହ ଆଲୋଚନା କରି ଜିଲ୍ଲା ପ୍ରଶାସନ ଶହ ଆଲୋଚନା କରି ଶୀଘ୍ର ଭତ୍ତା ଟଙ୍କା ପାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାପରେ ହିତାଧିକାରୀ ଧାରଣା ରୁ ଉଠି ଥିଲେ।

# ତହସିଲଦାରଙ୍କ ଦ୍ୱାରା ୨ ବାଲିଭର୍ତ୍ତି ହାଇୱା ଅଟକ

**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ତହସିଲ୍ ଦାର ଆଜି ସନ୍ଧ୍ୟା ସମୟରେ ଦୁଇଟି ବାଲି ଭର୍ତ୍ତି ହାଇୱା ଗାଡ଼ି ନୋ ସି ଜି ୦୪ ପି ବି




୪୪୩୫ ଏବଂ ଅନ୍ୟ ନୋ ହାଇୱା ଗାଡ଼ି ର ନୋ ଠିକ୍ ସେ ଦେଖାଯାଉ ନାହିଁ। ଦୁଇଟି ଗାଡ଼ି କୁ ଅଟକ ରଖି ପଚରା ଉଚରା କରୁଥିବା ଦେଖିବାକୁ ମିଳିଛି। ହାଇୱା ଦୁଇଟା ଛତିଶ ଗଡ଼ର ଦେବନାଥ ପ୍ରଧାନଙ୍କ ବୋଲି ଗାଡ଼ି ବୋଲି ଜଣାଯାଇଛି। ବାଲି ଗାଡ଼ି ଅନ ଲୋଡ୍ ହଉଥିବା ସମୟରେ ତହସିଲ ଦାର ମନମୋହନ ସାହୁ ଘଟଣା ସ୍ଥଳରେ ପହଞ୍ଚି ଅଟକ ରଖିବା ସହ ପୋଲିସ ଏବଂ ମାଇନିଙ୍ଗ କୁ ଖବର ଦେଇଥିଲେ। ପ୍ରକାଶ ଥାଉକି ଛତିଶ ଗଡ଼ ଅଞ୍ଚଳର କେତେକ ଗାଡି ଲୁଚା ଚୋରାରେ ବାଲି ଚାଲାଣ କରୁଛନ୍ତି। ତେଣୁ ବିଭଗୀୟ ଅଧିକାରି ଏହା ଉପରେ ନଜର ଦେଇ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସଧାରଣ ରେ ଦାବି ହେଉଛି।

# ଗଣେଶ ରାମ ଖୁଣ୍ଟିଆଙ୍କ ଏକଦିବସୀୟ କଳାହାଣ୍ଡି ଗସ୍ତ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଉଦ୍ଘାଟନ କରିବା ସହ ସରକାରୀ କାର୍ଯ୍ୟକ୍ରମରେ ଶୁକ୍ରବାର ଦିନ ଯୋଗଦାନ କରିଛନ୍ତି ମାନ୍ୟବର ଜଙ୍ଗଲ ଓ ପରିବେଶ ତଥା ଶ୍ରମ ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ଆଜି ସକାଳେ ଟ୍ରେନ୍ ଯୋଗେ ଭୁବନେଶ୍ୱର ରୁ ଭବାନୀପାଟଣା ରେଳ ଷ୍ଟେସନ୍ ରେ ପହଞ୍ଚିବା ପରେ ତାଙ୍କୁ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦ ତଥା ବିଜେପି କର୍ମକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହାପରେ ମେଡିକାଲ କଲେଜ, ମେଗା ନର୍ସରୀ ଯାଇ ବୃକ୍ଷ ରୋପଣ ଓ ହାତୀ କେୟାର ସେଣ୍ଟର ଉଦ୍ଘାଟନ କରିଥିଲେ ଏଥିରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ତ?ଥା ଉତ୍ତର ବନଖଣ୍ଡ ଓ ଦକ୍ଷିଣ ବନଖଣ୍ଡ ଅଧିକାରୀ ଉପସ୍ଥିତ ରହିଥିଲେ । କର୍ଲାପାଟ ସେଞ୍ଚୁରି ଅଞ୍ଚଳ ଗସ୍ତ କରିଥିଲେ । ପରେ ଅପରାହ୍ନ ରେ ସ୍ଥାନିୟ ହୋଟେଲ ଭାଗିରଥୀ ଇନ୍ କନଫରେନ୍ସ ହଲ୍ ଠାରେ କେନ୍ଦ୍ରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜି ଙ୍କ ନେତୃତ୍ୱ ରେ ସଫଳତା ର ୧୨




ବର୍ଷ ପୂର୍ତ୍ତି ଓ ଓଡ଼ିଶା ପ୍ରଦେଶ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜି ଙ୍କ ନେତୃତ୍ୱ ରେ ରାଜ୍ୟ ସରକାରଙ୍କ ସଫଳତା ର ୨ ବର୍ଷ ପୂର୍ତି ଅବସରରେ ସାମ୍ବାଦିକ ମାନଙ୍କ ସହ ସମ୍ବାଦ ଚର୍ଚ୍ଚା ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଜଙ୍ଗଲ ଓ ପରିବେଶ ତଥା ଶ୍ରମ ବିଭାଗ ମନ୍ତ୍ରୀ ମାନ୍ୟବର ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଜିଲ୍ଲା ସଭାପତି ଶ୍ରୀ ଯୁଗଳ କିଶୋର ପୋଦ୍ଦ, ଧର୍ମଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଶ୍ରୀ ସୁଧିର ରଞ୍ଜନ ପଟ୍ଟଯୋଶୀ, ବିଜେପି ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବି ଦେବେନ୍ଦ୍ର ମହାନ୍ତି, ପ୍ରମୁଖ ମଞ୍ଚାସିନ ରହି ଥିବା ବେଳେ ନରହରି ପଟ୍ଟନାୟକ, ବିଜେପି କଳାହାଣ୍ଡି ଜିଲ୍ଲା ମିଡିଆ ସଂଯୋଜକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ବରିଷ୍ଠ ନେତା ରମେଶ ମାଝୀ, ମନୋଜ ମେହେର, ଜୟ ଶଙ୍କର ନାଏକ, ଅଙ୍କୁର ହରପାଲ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ବେହେରା, ହିମାଂଶୁ ପଣ୍ଡା, ଅନିରୁଦ୍ଧ ପ୍ରଧାନ, ନମିତା ରାଣୀ ସାହୁ,ଭାରତ ଭୂଷଣ ଦେଓ, ସନ୍ତୋଷ କୁମାର ବିଶି,ସୋଭାଗିନି ପାତ୍ର,ମହିଳା ମୋର୍ଚ୍ଚା ସଭାପତି କାଞ୍ଚନ ବେମାଲ ପ୍ରମୁଖ ଅନେକ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ଏହା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଉନ୍ ହଲଠାରେ ବିକାଶ ଉପଲବ୍ଧି କାର୍ଯ୍ୟକ୍ରମ ହୋଇଥିଲା । ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ପରେ ଭୁବନେଶ୍ୱରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ବଡ ଭେଟି ଦେଇଛନ୍ତି ଓ। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଥିଲେ, ଭବାନୀପାଟଣା ଟାଉନ୍ ହଲରେ ମନ୍ତ୍ରୀ ଙ୍କ ଉପସ୍ଥିତିରେ ଭିଡିଓ ବାର୍ତ୍ତା ମାଧ୍ୟମ ରେ ଶୁଭାରମ୍ଭ କରାଯାଇ ଥିଲା ।ମୋଦୀ ସରକାରଙ୍କ ୧୨ ବର୍ଷ ପୂର୍ତି ଓ ୧୨ଟି ପ୍ରମୁଖ ଉପଲବ୍ଧି । ୨୫ କୋଟି ରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ୪ କୋଟି ରୁ ଅଧିକ ପକ୍କା ଆବାସ ନିର୍ମାଣ କରିଛନ୍ତି । କୋଟି ରୁ ଅଧିକ ହିତାଧିକାରୀ ଆୟୁଷ୍ମାନ ଭାରତ ଅଧୀନରେ ସାମିଲ ହୋଇଛନ୍ତି ।୩ କୋଟି ରୁ ଅଧିକ ଲକ୍ଷପତି ଦିଦି ମହିଳା ସଶକ୍ତି କରଣ ହୋଇଛନ୍ତି । ୫୭ କୋଟି ରୁ ମୁଦ୍ରା ଋଣ ଆତ୍ମନିଯୁକ୍ତିକୁ ଆଗେଇ ନେଇଛି । ୧୨ କୋଟି ରୁ ଅଧିକ ଶୌଚାଳୟ ମର୍ଯ୍ୟାଦା ଓ ସ୍ୱଚ୍ଛତା ସୁନିଶ୍ଚିତ କରୁଛି । ୭୯ ଲକ୍ଷ କୋଟି ଟଙ୍କାର ରେକର୍ଡ ପ୍ରତିରକ୍ଷା ରପ୍ତାନି ହୋଇ ପାରିଛି। ସାମାଜିକ ସୁରକ୍ଷା ତିନି ଗୁଣ ହେଇଛି । ୩୮,୪୦୦ କୋଟି ଟଙ୍କା ରେକର୍ଡ ପ୍ରତିରକ୍ଷା ରପ୍ତାନି ହୋଇଛି । ଆଇଆରଟିଏସ ଏବଂ ବନ୍ଦେ ଭାରତ ଟ୍ରେନରେ ବିଶ୍ୱସ୍ତରୀୟ ଯୋଗାଯୋଗ ହୋଇ ପାରିଛି ୧୨,୦୦୦ ଗୁଣ ବଢ଼ିଲା ୟୁପିଆଇ ନେଣଦେଣ, ୩୧୪ ଲକ୍ଷ କୋଟି ଟଙ୍କାର ଡିଜିଟାଲ ପେମେଣ୍ଟ ସିଷ୍ଟମ ହେଉଛି ।